# ନିର୍ମାଣାଧୀନ ସେତୁ କାର୍ଯ୍ୟ ନିମ୍ନମାନର; ତଦନ୍ତ ଦାବି

**ମଙ୍ଗଳପୁର, ୧୬।୪(ସମିସ)**

ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତସ୍ଥ ଚାରିବାଟିଆ ଗ୍ରାମ ନିକଟ ଦେଇ ଡ୍ରେନେଜ୍ ବିଭାଗ ପକ୍ଷରୁ ଖୋଲା ଯାଇଥିବା ଚାଷୀନାଳ ଉପରେ ବିଭାଗ ପକ୍ଷରୁ ନିର୍ମାଣାଧୀନ ବ୍ରିଜ୍ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି। ଏ ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ବ୍ରିଜ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଅଧିକାରୀ ଆଦୌ ଗୁରୁତ୍ୱ ଦେଇନଥିବା ବେଳେ କାର୍ଯ୍ୟସ୍ଥଳକୁ ବିଭାଗୀୟ ଜେଇ ଆଦୌ ଆସୁନଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଥିବା ବେଳେ ମାଟିମିଶା ବାଲିରେ ଢଳେଇ କାର୍ଯ୍ୟ କରାଯାଉ ଥିବା ନେଇ ଅଭିଯୋଗ ହୋଇଛି। ସେହିପରି ଢଳେଇ କାର୍ଯ୍ୟରେ ନିୟମ ଅନୁଯାୟୀ ସିମେଣ୍ଟ ଦିଆଯାଉ ନଥିବାବେଳେ ସିମେଣ୍ଟ ତୁଳନାରେ ବାଲି ଓ ଚିପ୍ସ ଅଧିକ ପରିମାଣରେ ଦିଆ ଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ବ୍ରିଜଟି ମୁଖ୍ୟ ରାସ୍ତା ଠାରୁ ପ୍ରାୟ ୧ କିମି ଚାଷ ଜମି ଭିତରେ ହେଉଥିବାରୁ ସବୁ ସମୟରେ ଗ୍ରାମବାସୀ କାର୍ଯ୍ୟ ଉପରେ ନଜର ଦେଇ ପାରୁନଥିବାରୁ ଠିକାଦାର ଜଣକ ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରିବା ସହ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ କରୁଥିବା ଦେଖିବା ପାଇଁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି



କାର୍ଯ୍ୟସ୍ଥଳକୁ ଠିକାଦାର ଜଣକ ଆଦୌ ଆସୁନଥିବା ବେଳେ ସୁପରଭାଇଜର ଉପରେ କାର୍ଯ୍ୟ ନ୍ୟସ୍ତ କରିଦେଇ ଅଚିନ୍ତାରେ ଠିକାଦାର। ସୁପରଭାଇଜର ଜଣକ ଲାଭଖୋର ନିତି ଆପଣେଇ ମନଇଚ୍ଛା କାର୍ଯ୍ୟ କରିବା ସହ କାର୍ଯ୍ୟ ଅତି ନିମ୍ନମାନର ଭାବେ କରିବା ସହ ସ୍ଥାନୀୟ ଚାଷୀମାନଙ୍କ କଥା ଶୁଣୁ ନଥିବା ନେଇ ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି କାର୍ଯ୍ୟ ଏତେ ନିମ୍ନମାନର ହେଉଥିବାରୁ ଏହି ବ୍ରିଜର ସ୍ଥାୟିତ୍ୱ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ସ୍ଥାନୀୟ ଜନସାଧାରଣ ଓ ଚାଷୀମାନଙ୍କ ପକ୍ଷରୁ ନିର୍ମାଣାଧୀନ ବ୍ରିଜ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଭାବେ କରାଯାଉଛି ବୋଲି ବାରମ୍ବାର ଅଭିଯୋଗ ହେବା ପରେ ଆଜି ବିଭାଗୀୟ ଜେଇ କାର୍ଯ୍ୟସ୍ଥଳକୁ ଦିନ ପ୍ରାୟ ୧ ଟା ସମୟରେ ଯାଇଥିବା ବେଳେ ସ୍ଥାନୀୟ ଲୋକମାନଙ୍କୁ ଦେଖି ଜେଇ କାର୍ଯ୍ୟସ୍ଥଳରୁ ବାଇକ୍ ନେଇ ଚମ୍ପଟ ମାରିଥିଲେ। ଜେଇଙ୍କୁ ଅଟକାଇବା ପାଇଁ ଗ୍ରାମବାସୀ ଚେଷ୍ଟା କରିଥିଲେ ମଧ୍ୟ କୌଶଳକ୍ରମେ ଜେଇ ଜଣକ କାର୍ଯ୍ୟସ୍ଥଳରୁ ପଳାଇ ଆସିଥିଲେ। ଯାହାକୁ ନେଇ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇ ଥିବାବେଳେ ନିୟମ ଅନୁଯାୟୀ ଶ୍ରମିକମାନେ ସକାଳ ୬ ଟାରୁ ଦିନ ୧୧ ଟା ଓ ଦିନ ୩ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ କାମ କରିବା କଥା। ମାତ୍ର ଏହି ବ୍ରିଜ ନିର୍ମାଣ କ୍ଷେତ୍ରରେ ଠିକାଦାର ଜଣକ ଏହି ନିୟମକୁ ଖୋଲା ଖୋଲି ଭାବେ ଉଲ୍ଲଘଂନ କରି ସକାଳ ୭ ଟାରୁ ଦିନ ୩ ଟା ପର୍ଯ୍ୟନ୍ତ ଶ୍ରମିକ ମାନଙ୍କ ଦ୍ୱାରା କାର୍ଯ୍ୟ କରାଉଥିବା ନେଇ ଦେଖିବା ପାଇଁ ମିଳିଛି। ଯାହା ଶ୍ରମ ଆଇନର ଖୋଲା ଖୋଲି ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି। ଠିକାଦାର ବେଆଇନ ଭାବେ ଶ୍ରମିକଙ୍କୁ ଖରାରେ କାର୍ଯ୍ୟ କରାଉ ଥିବାରୁ ଏହାର ତଦନ୍ତ କରି ଡିଷ୍ଟ୍ରିକ୍ଟ ଲେବର ଅଫିସର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଠିକାଦାରଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରୁ ଆମ ପାଖକୁ ସେମିତି କିଛି ଚିଠି କି ମେସେଜ ଆସିନାହିଁ ତେଣୁ ଆମେ ଶ୍ରମିକ ମାନଙ୍କୁ କାର୍ଯ୍ୟ କରାଉଛୁ ଓ ଆମ ପାଖକୁ ଖବର ଆସିଲେ ଆମେ ଆଉ ଖରାରେ କାର୍ଯ୍ୟ କରାଇବୁ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ବିଭାଗୀୟ ଜେଇଙ୍କୁ ପଚାରିବାରୁ ଆମେ ଶ୍ରମିକଙ୍କୁ ଖରାରେ ଦିନ ୧୧ ଟା ପରେ କାର୍ଯ୍ୟ ନ କରିବା ପାଇଁ କହିଛୁ। ଅଭିଯୋଗ ଆସିଲେ ମୁଁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ। ଠିକାଦାର ଓ ଜେଇଙ୍କ କଥାରେ ସଠିକ ତାଳ ମେଳ ରହୁନଥିବାବେଳେ ଶ୍ରମିକମାନେ ବଳି ପଡୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ତେବେ ଏହି ବ୍ରିଜ୍ ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

**ପାଣିକୋଇଲି, ୧୬।୪(ସମିସ):** ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଡାଇଭରସନ ନିକଟରେ ବୁଧବାର ସନ୍ଧ୍ୟାରେ ସ୍କୁଟି ସହ ଆମ୍ବୁଲାନ୍ସ ଧକ୍କା ହେବାରୁ ସ୍କୁଟି ଚାଳକ ସମେତ ସହଯାତ୍ରୀ ମହିଳା ଗୁରୁତର ଆହତ ହୋଇଥିଲେ। ଆଜି ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ପୁଲିସଠାରୁ ସୂଚନା ମିଳିଛି। ପ୍ରକାଶ ଯେ ଏକ ଘରୋଇ ଚିକିତ୍ସାଳୟର ଆମ୍ବୁଲାନ୍ସ (ଓଡି ୦୨ବିପି ୭୩୦୧) ମୟୂରଭଞ୍ଜରୁ କଟକ ଅଭିମୁଖେ ଯାଉଥିଲା। ପାଣିକୋଇଲି ଶର୍ମା ଡାଇଭରସନରେ ଏକ ସ୍କୁଟି ( ଓଡି ୩୪ବି ୮୪୨୪) ରେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୂଇଁପୁର ପଞ୍ଚାୟତର ଖଡ଼ିପଦା ଗ୍ରାମର ବାସନ୍ତୀ ବିନ୍ଧାଣୀ (୫୭) ତାଙ୍କ ଘରକୁ ଫେରୁଥିଲେ। ସ୍କୁଟି ଓ ବାଇକ୍ ଧକ୍କା ହେବାରୁ ବାସନ୍ତୀ ଓ ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଂଗେ ସଂଗେ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ନେଇ ତାଙ୍କ ପୁଅ ଦେବେନ୍ଦ୍ର ବିନ୍ଧାଣୀ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୧୨୪/୨୬ ରୁଜୁ କରାଯାଇ ଆମ୍ବୁଲାନ୍ସକୁ ଜବତ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ୩ ଗୁରୁତର

**ସୁକିନ୍ଦା, ୧୬।୪(ସମିସ):** ମଙ୍ଗଳପୁର ଟମକା ରାସ୍ତାର ଭାଲୁକିପାତଳା ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଆହତମାନେ ହେଲେ କାଳିଆପାଣି ଥାନା କଲରଙ୍ଗିଅଡ୍ଡା ଅଞ୍ଚଳର ଧରମା ହେଶାଙ୍କ ପୁଅ ଆକାଶ ହେଶା(୨୫), କୈଳାସ ଲୋହାରଙ୍କ ପୁଅ ସୁନୀଲ ଲୋହାର(୨୦) ଓ କିଷ୍ଟ ଗବଙ୍କ ପୁଅ ସମାଇ ଗବ(୨୦)। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ପ୍ରାଥମିକ ଚିକିତ୍ସା ପରେ ଆକାଶ ହେଶାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି।

## ବରୁଣେଇ ବରିଷ୍ଠ ନାଗରିକ ସଂଘର ଜଳଦାନ ଶିବିର

**ପ୍ରୀତିପୁର, ୧୬।୪, (ସମିସ):** ମହାବିଷୁବ ସଂକ୍ରାନ୍ତି ଅବସରରେ ବରୁଣେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବାଳମୁକୁଳିସ୍ଥ ଆୟୁଷ ମେଡିକାଲ ପରିସରରେ ଏକ ଜଳଦାନ ଶିବିର ଖୋଲା ଯାଇଛି। ଏହି ଶିବିରଟି ସଂଘର ସଭାପତି ବଟକୃଷ୍ଣ ମଲ୍ଲିକଙ୍କ ଅନୁରୋଧକ୍ରମେ ସଂଘର ଉପଦେଷ୍ଟା ରାଧାକାନ୍ତ ସାହୁଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ସଂଘ ସଦସ୍ୟ ଡ. ଦେବପ୍ରସାଦ ସାମଲ, ଶ୍ରୀଧର ସାହୁ, ସଚ୍ଚିଦାନନ୍ଦ ଗୁରୁ, ସୁବାସ ଚନ୍ଦ୍ର ସ୍ୱାଇଁ, ରବି ନାରାୟଣ ସାମଲ, କୀର୍ତ୍ତନ ବିହାରୀ ସାହୁ, ରବୀନ୍ଦ୍ର ସାହୁ, ବିଜୟ ସାମଲ, ରବୀନ୍ଦ୍ର ମଲ୍ଲିକ, ସହଦେବ ସେଠୀ, ଅର୍ଜୁନ ରାଉତ, ଶରତ ଚନ୍ଦ୍ର ମଲ୍ଲିକ, କୃପାସିନ୍ଧୁ ପତି ଓ ବିଜୟ କୁମାର ଜେନାଙ୍କ ସମେତ ଉଦୟଭାନୁ ସାହିତ୍ୟ ସଂସଦର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସଂଘ ସମ୍ପାଦକ ନିରଞ୍ଜନ ପାତ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ପଥଶ୍ରାନ୍ତ ପଥିକଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ବୈଶାଖ ମାସଟି ଉକ୍ତ ଶିବିରରେ ଜଳ ଦାନ କରାଯିବା ପାଇଁ ସ୍ଥିର କରାଯାଇଛି।

## ସମାଜସେବୀ ପ୍ରମୋଦ ପତିଙ୍କ ପ୍ରଥମ ଶ୍ରାଦ୍ଧ ଦିବସ



**କୁଆଖିଆ, ୧୬।୪(ସମିସ):** ଧର୍ମଶାଳା ନିର୍ବଚନମଣ୍ଡଳୀ ରସୁଲପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ପ୍ରମୋଦ ପତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପ୍ରମୋଦ ପତି ଫାଉଣ୍ଡେସନ ଆନୁକୂଲ୍ୟରେ ଏହାର ସଚିବ ଯୁବ ସମାଜସେବୀ ଦିବ୍ୟଜ୍ୟୋତି ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଓ ସମାଜସେବୀ ଅମୀୟ କୁମାର ପରିଡ଼ା ଏବଂ ପ୍ରମୋଦ ପତି ଫାଉଣ୍ଡେସନର ଟ୍ରଷ୍ଟି ଶିକ୍ଷକ ପ୍ରଦୀପ କୁମାର ସାମଲଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତିଚାରଣ ସଭାରେ ଯାଜପୁରର ପ୍ରାକ୍ତନ ସାଂସଦ ଶର୍ମିଷ୍ଠା ସେଠୀ, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ସେଠୀ, କୋରେଇ ବିଧାୟକଙ୍କ ପ୍ରତିନିଧି ସମାଜସେବୀ ପ୍ରହଲ୍ଲାଦ ପଣ୍ଡା, ଅଭିମନ୍ୟୁ ଧଳ, ମାଳିକା ପ୍ରବଚକ ବିଭୂତି ଭୂଷଣ ପଣ୍ଡା, ସାଧୁସନ୍ଥ ଚିନ୍ମୟା ନନ୍ଦ ମହାରାଜ, ପ୍ରଫେସର ନିରଞ୍ଜନ ସାହୁ, ବରିଷ୍ଠ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ପ୍ରତାପରୁଦ୍ର ପଣ୍ଡା, ରବୀନ୍ଦ୍ର ମିଶ୍ର, ପ୍ରଭାକର ରାଉତ, ଯୋଗେନ୍ଦ୍ର ପଣ୍ଡା, ଧ୍ରୁବାନନ୍ଦ ଦେଓ, ନାଟ୍ୟକାର ଓ ଅଧ୍ୟାପକ ଡକ୍ଟର ଦୀପକ ଜେନା, ଅଧ୍ୟାପକ ଅମୀୟ ପତି, କୃଷ୍ଣଚନ୍ଦ୍ର ଦାଶ, ବିଚିତ୍ରାନନ୍ଦ କର, କାଳନ୍ଦୀ କଣ୍ଡ, ସାମ୍ବାଦିକ ନିଗମାନନ୍ଦ ମହାନ୍ତି, ଦେବୀପ୍ରସନ୍ନ ନାୟକ, ରଣଜିତ୍ ରାଉତ ପ୍ରମୁଖ ଯୋଗଦାନ କରି ସ୍ମରଣିକା ଉନ୍ମୋଚନ କରିବା ସହିତ ସ୍ୱର୍ଗତ ପ୍ରମୋଦ ପତିଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ପବିତ୍ର ଶ୍ରାଦ୍ଧ ଉତ୍ସବ ଅବସରରେ ପ୍ରମୋଦ ପତି ଫାଉଣ୍ଡେସନ ତରଫରୁ ଶତାଧିକ ସଂଖ୍ୟାରେ ସାଧୁସନ୍ଥଙ୍କ ସମେତ ସମାଜର ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରସୁଲପୁର ବ୍ଲକ ଅଞ୍ଚଳର ୫ ଜଣ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକଲ ପ୍ରଦାନ କରାଯାଇଥିଲା ଏହାସହିତ ରସୁଲପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୀତା ଆବୃତ୍ତି ଓ 'ବାପା' ଶୀର୍ଷକ ବିଷୟକୁ ନେଇ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ପ୍ରମୋଦ ପତି ଫାଉଣ୍ଡେସନ ର ଗୀତ ସହିତ ଲୋଗୋ ଉନ୍ମୋଚନ କରାଯାଇଥିଲା। ସର୍ବଶେଷରେ ଦିବଙ୍ଗତ ପତିଙ୍କ ଧର୍ମପତ୍ନୀ କବୟିତ୍ରୀ ସରୋଜିନୀ ପତି ଆଗନ୍ତୁକ ଅତିଥିଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



**ସୁକିନ୍ଦା, ୧୬।୪(ସମିସ):** ସୁକିନ୍ଦାସ୍ଥିତ ମା' ଖଣ୍ଡୁରାଇ ସ୍ୱରସାଧନା କଳା ପରିଷଦ ପକ୍ଷରୁ ପ୍ରଥମ ବାର୍ଷିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜଗନ୍ନାଥ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସୁକିନ୍ଦା ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଣ୍ଟ ଜାଭିୟର ସ୍କୁଲର ଅଧ୍ୟକ୍ଷ ସଞ୍ଜୟ ରାଜ, ଶଶଧର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚରେ ଅବସରପ୍ରାପ୍ତ ଶିକ୍ଷକ ଗଗନ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ସହଯୋଗୀ କାର୍ଯ୍ୟକର୍ତ୍ତା ଜିଜ୍ଞାଂଶୁ ସାହୁ, କାର୍ତ୍ତିକଲାଲ ଭଟାଚାର୍ଯ୍ୟ, ମନୋରଞ୍ଜନ ବେହେରା ପ୍ରମୁଖ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସୁକିନ୍ଦା ଅଞ୍ଚଳ ସହିତ ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାର ଅନେକ କୁନି କଳାକାର ଏହି ମଞ୍ଚରେ ନିଜର କଳା ପ୍ରଦର୍ଶନ କରିଥିଲେ। ସଙ୍ଗଠନ ପକ୍ଷରୁ ସୁକିନ୍ଦା ବାସିନ୍ଦା ଦିବ୍ୟାଙ୍ଗ ଯୁବକ ସରୋଜ ଦାସ, ଚାଟଶାଳୀ ଗୁରୁମା ବାସନ୍ତୀ ମଞ୍ଜରୀ ସାମନ୍ତ ଓ ଭାରଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ପାଇଁ ଓଡ଼ିଶା ପାଇଁ ଗର୍ବ ଆଣିଥିବା ଚିନ୍ମୟ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ସରୋଜ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସମାଜ ଉପରେ ବୋଝ ନ ହୋଇ ନିଜେ ସଂଘର୍ଷ କରି ବଞ୍ଚିବା ସହ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେହିପରି ଚାଟଶାଳୀ ଗୁରୁମା ବାସନ୍ତୀ ମଞ୍ଜରୀ ଦୀର୍ଘ ୩୦ରୁ ଊର୍ଦ୍ଧ୍ୱ ବର୍ଷଧରି ଛୋଟ ପିଲାଙ୍କୁ ଶିକ୍ଷାଦାନ କରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ଗ୍ରାମାଞ୍ଚଳରେ ରହୁଥିବା କୁନି ପ୍ରତିଭାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ମଞ୍ଚ ମାଧ୍ୟମରେ ସେମାନଙ୍କୁ ଉତ୍ସାହିତ କରି ଆତ୍ମସନ୍ତୋଷ ମିଳିଥାଏ ବୋଲି ଜଗନ୍ନାଥ ସାମଲ ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା




**ଯାଜପୁର, ୧୬।୪(ସମିସ):** ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ କୁମାର ମଲ୍ଲିକ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ରମାକାନ୍ତ ପରିଡ଼ା, ମତ୍ସ୍ୟ ବିଭାଗ ଅଧିକାରୀ ମନସ୍ମିତା ନାୟକ, ଜାତୀୟ ଉଦ୍ୟାନ କୃଷି ବୋର୍ଡର ଉପନିର୍ଦ୍ଦେଶକ ଭି. ନରେନ୍ଦ୍ରେ ନନ୍ଦେଶ୍ୱର, ଉଦ୍ୟାନ କୃଷିବିଜ୍ଞାନୀ ବବିତା ମିଶ୍ର ଏବଂ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲ୍ଲାପାଳ କେବଳ ପାରମ୍ପରିକ ଚାଷ ମଧ୍ୟରେ ସୀମିତ ନ ରହି ଫସଲ ବିବିଧିକରଣକୁ ଆପଣାଇବା, ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଉଦ୍ୟୋଗୀ ଭାବେ ପରିଗଣିତ ହେବା ଏବଂ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ସ୍ୱଳ୍ପ ଜମିରୁ ବିଭିନ୍ନ ଅଧିକ ଉତ୍ପାଦକତା ବଢ଼ାଇବା ଦିଗରେ ଆଲୋକପାତ କରିଥିଲେ। ଉଦ୍ୟାନ କୃଷି ବିଭାଗର ବିଭିନ୍ନ ସରକାରୀ ଯୋଜନା ବିଷୟରେ ମଧ୍ୟ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ସେହିଭଳି କେନ୍ଦ୍ରୀୟ ଯୋଜନାରେ ସୁରକ୍ଷିତ ପଦ୍ଧତିରେ ଫୁଲ ଓ ପନିପରିବା ଚାଷ ବିଷୟରେ ଉପନିର୍ଦ୍ଦେଶକ ଶ୍ରୀ ନନ୍ଦେଶ୍ୱର ଚାଷୀମାନଙ୍କୁ ଜଣାଇଥିଲେ। ପରିଶେଷରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ହିରଣ୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କୟାଁଗୋଲା, ୧୬।୪(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ନିକଟରେ ଥିବା ଶକ୍ତିମଣ୍ଡପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମଙ୍ଗଳପୁର ମଣ୍ଡଳ ଜୋନ୍ ନମ୍ବର ୬ରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମଙ୍ଗଳପୁର ମଣ୍ଡଳ ସଭାପତି ପତିତପାବନ ମହାନ୍ତି ସଭାପତିତ୍ୱ କରିଥିବାବେଳେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ବିଜେପିର ବରିଷ୍ଠ ନେତା ଗୌତମ ରାୟ, ଉପସଭାପତି ମନ୍ମଥ ବରାଳ, ପୂର୍ବତନ ଜିଲ୍ଲା ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ସୁବାସ ମହାନ୍ତି, ବିନୋଦ ବିହାରୀ ଜେନା ପ୍ରମୁଖ ବରିଷ୍ଠ ନେତା ଆସିଥିବା ୭ ଟି ପଞ୍ଚାୟତର ପଞ୍ଚାୟତ ପ୍ରମୁଖ, ବୁଥ ସଭାପତି, ବିଏଲ୍‌ଏ ସଦସ୍ୟଙ୍କୁ ପ୍ରଶିକ୍ଷଣ କରାଇଥିଲେ। ଆଗାମୀ ପଞ୍ଚାୟତ ଏବଂ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କିଭଳି ଭାବେ ପ୍ରତ୍ୟେକ ବୁଥ୍‌ସ୍ତରରେ ସଂଗଠନକୁ ମଜବୁତ କରାଯାଇପାରିବ ସେ ସମ୍ପର୍କରେ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦୁଦୁରାଅଣ୍ଟା, ମଲ୍ଲୀକାପୁର, ମଙ୍ଗଳପୁର, କନିକାପଡ଼ା, ଶୁଶୁଆ, ଡାହାଣୀହାତା ଏବଂ ଗୋପାଳପୁର ପଞ୍ଚାୟତର ବରିଷ୍ଠ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳର ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ଚିତ୍ତରଞ୍ଜନ ସାମଲ, ଯୁବନେତା ସତ୍ୟଜିତ ସାମଲ, ବିନୟ ସେନାପତି, ଧନଞ୍ଜୟ ମଲ୍ଲିକ, ମଙ୍ଗଳପୁର ପଞ୍ଚାୟତର ସମିତି ସଭ୍ୟା ସରିତା ପଣ୍ଡା, ସୁମନ୍ତ ମହାପାତ୍ର, ପ୍ରମୋଦ ପୁହାଣ, ତପନ ରାଉତ, ସଞ୍ଜୟ ଦାସ, ରମେଶ ଦଳାଇ ପ୍ରମୁଖ ସାମିଲ ହୋଇଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲ୍‌ର ସଫଳତା





**ଯାଜପୁର ଟାଉନ, ୧୬।୪(ସମିସ):** ଯାଜପୁର ସହରର ପ୍ରତିଷ୍ଠିତ ଡିଏଭି ପବ୍ଲିକ ସ୍କୁଲ୍ ଚଳିତବର୍ଷ ପ୍ରକାଶ ପାଇଥିବା ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ସଫଳତା ଲାଭ କରିଛି। ପରୀକ୍ଷା ଦେଇଥିବା ମୋଟ ୪୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟ ରୁ ୪୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶ୍ରେୟା ପରିଜା ୯୮. ୪ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଅରବିନ ପଣ୍ଡା ୯୮.୨ ପ୍ରତିଶତ, ତୃତୀୟ ସ୍ଥାନରେ ସିଦ୍ଧି ତନୟା ନାୟକ ୯୭. ୮ ପ୍ରତିଶତ, ଚତୁର୍ଥ ସ୍ଥାନରେ ସୋନାକ୍ଷୀ ସାହୁ ୯୭. ୬ ପ୍ରତିଶତ ରଖି ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ୯୦ ପ୍ରତିଶତରୁ ଅଧିକ ୯ଜଣ ଛାତ୍ରଛାତ୍ରୀ ରଖିଥିବା ବେଳେ ୮୦ ପ୍ରତିଶତରୁ ଅଧିକ ୨୩ଜଣ ଏବଂ ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ ୨୯ଜଣ ଛାତ୍ରଛାତ୍ରୀ ରଖିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଞ୍ଚଳିକ ନିର୍ଦ୍ଦେଶକ, ଚେୟାରମ୍ୟାନ, ପରିଚାଳନା କମିଟି ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମା ଖଣ୍ଡୁରାଇ ସ୍ୱରସାଧନା କଳା

## 'ଶେଷ ପରିଚୟ' ବୃଦ୍ଧାଶ୍ରମକୁ ପଙ୍ଖା ପ୍ରଦାନ

**ପାଣିକୋଇଲି, ୧୬।୪(ସମିସ):** ସେବା ଓ ତ୍ୟାଗର ଲକ୍ଷ୍ୟ ନେଇ ପାଣିକୋଇଲି ଅଞ୍ଚଳରେ ଗଢ଼ି ଉଠିଥିବା ସାମାଜିକ ସଙ୍ଗଠନ 'ଶେଷ ପରିଚୟ' ବୃଦ୍ଧାଶ୍ରମକୁ ବଦାନ୍ୟ ବ୍ୟକ୍ତିମାନଙ୍କ ବିଭିନ୍ନ ସହଯୋଗ ଜାରି ରହିଛି। ଚଳିତ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ବୁଧବାର ପାଣିକୋଇଲି ଥାନାର ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ୩ ଟି କାନ୍ଥ ପଙ୍ଖା ପ୍ରଦାନ କରିଥିବାବେଳେ ଗୁରୁବାର ପାଣିକୋଇଲିସ୍ଥିତ ଏମ୍‌ବି ବ୍ରିକ୍ ବଜାରର ମାଲିକ ଯୁବ ସମାଜସେବୀ ସୁଜିତ କୁମାର ସାହୁ ୨ଟି ଛାତ ପଙ୍ଖା ପ୍ରଦାନ କରିଛନ୍ତି। ଆଶ୍ରମ ପରିବାର ପକ୍ଷରୁ ଉଭୟଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରାଯାଇଛି।

## ଉଦୟଭାନୁ ସାହିତ୍ୟ ସଂସଦ, ବରିଷ୍ଠ ନାଗରିକ ମଞ୍ଚର ବିଷୁବ ମିଳନ

**ସିଂହପୁର, ୧୬।୪(ସମିସ):** ବିଂଝାରପୁର ବ୍ଲକ ମା' ବରୁଣେଇ ମନ୍ଦିର ପ୍ରାଙ୍ଗଣରେ ରାହାସ ଗୁହାଳି ଗ୍ରାମସ୍ଥିତ ଉଦୟଭାନୁ ସାହିତ୍ୟ ସଂସଦ ଓ ବରୁଣେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ଶିକ୍ଷାବିତ୍ ବଟକୃଷ୍ଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବ୍ରଜସୁନ୍ଦର ସାମଲ, ଶ୍ରୀଧର ସାହୁ, ନିରଞ୍ଜନ ବେହେରା, ରବି ନାରାୟଣ ସାମଲ, ପଦ୍ମାକର ଗୁରୁ, ଦୀନବନ୍ଧୁ ସାମଲ, ପ୍ରଧାପକ ଦେବପ୍ରସାଦ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ନିରଞ୍ଜନ ପାତ୍ର ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ସରୋଜ




କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବନମାଳି ପତି, ପ୍ରମୋଦ କୁମାର, ଅକ୍ଷୟ ସେଠୀ, ବିଜୟ ଜେନା, ସୁବାସ ସାହାଣୀ, ମେଘନାଥ ମହାଳିକ, ନିରଞ୍ଜନ ଦାସ, ଭାରତ ଭୂଷଣ ମଲ୍ଲିକ, ଅର୍ଜ୍ଜୁନ ଦାଶ, ରମାକାନ୍ତ ନାୟକ, ସୁଧୀର ଅଚାର୍ଯ୍ୟ, ନିରଞ୍ଜନ ସାମଲ, ଧନେଶ୍ୱର ଦାସ, ତ୍ରିଲୋଚନ ପତି, ବିଷ୍ଣୁଚରଣ ସାମଲ, ଅର୍ଜୁନ ଚରଣ ରାଉତ, ଶରତଚନ୍ଦ୍ର ପରିଡ଼ା, ସନ୍ତୋଷ ବେଉରିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ମହିଳା ପୁଲିସ କର୍ମଚାରୀ

**ପାଣିକୋଇଲି, ୧୬।୪(ସମିସ):** ପାଣିକୋଇଲି ବଜାର ଗୋଲେଇ ନିକଟରେ ଟ୍ରକ୍ ଚକା ତଳେ ସ୍କୁଟି ପଡ଼ିଯାଇଥିଲା। ସ୍କୁଟି ଚାଳକ ସେଠାରୁ ଡେଇଁପଡ଼ି ନିଶ୍ଚିନ୍ତ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି। ପ୍ରକାଶ ଯେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟର ଜଣେ ମହିଳା କର୍ମଚାରୀ ଏକ ସ୍କୁଟି (ଓଡି ୩୪ ୱାଇ ୭୭୫୪)ରେ ଯାଉଥିବାବେଳେ ପାଣିକୋଇଲି ହାଇସ୍କୁଲ ନିକଟରେ ଟ୍ରକ୍ ଚକା ତଳେ ପଡ଼ିଯାଇଥିଲେ। ହେଲେ ଉପସ୍ଥିତ ବୁଦ୍ଧି ଯୋଗୁଁ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଆମ୍ବେଦକରଙ୍କ ଜୟନ୍ତୀ ଏବଂ ସମ୍ବର୍ଦ୍ଧନା ସମାରୋହ

**ପ୍ରୀତିପୁର, ୧୬।୪, (ସମିସ):** ବିଡନାସ୍ଥ ଜିଲ୍ଲା କଂଗ୍ରେସ ଦଳିତ ବିଭାଗ ତରଫରୁ ଆମ୍ବେଦକରଙ୍କ ଜୟନ୍ତୀ ଏବଂ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ଯାଜପୁର ଜିଲ୍ଲା କଂଗ୍ରେସ ଦଳିତ ବିଭାଗ ସଭାପତି ବିଦ୍ୟାଧର ଜେନା, ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଏକାଦଶୀ ତ୍ରିପାଠୀ, ଦଶରଥପୁର ମହିଳା କଂଗ୍ରେସ ଅମ୍ବିକା ରାଉତ, ଯାଜପୁର ଜିଲ୍ଲା କଂଗ୍ରେସ ଉପସଭାପତି ହିମାଂଶୁ ମହଲା, ରାଜୀବ ଗାନ୍ଧୀ ସଂଗଠନର ସଂଯୋଜକ ସୁଲଚନା ଦାସ, ବିଂଝାରପୁର କଂଗ୍ରେସ ନେତ୍ରୀ କନକଲତା ମଲିକ, ଯୁବ କଂଗ୍ରେସ ନେତା ପ୍ରତାପ ଦାସ, ବିଜ୍ଞାନ ମଲ୍ଲିକ, ଶ୍ରୀକାନ୍ତ ମଲିକ, ସର୍ବେଶ୍ୱର ମଲ୍ଲିକ, ରାଜୁଆ କାଣ୍ଡି, ନୀଳମଣି ମଲ୍ଲିକ, ମମତା ମଲ୍ଲିକ, ଦିବାକର ଦାସ, ଶରତ ମଲ୍ଲିକ, ପ୍ରଦୀପ ମଲ୍ଲିକ, ପାଗଳ ମଲିକ, ଅଶୋକ ମଲ୍ଲିକ, ବିଷ୍ଣୁ ମଲିକ, ମୁରଲୀ ଦାସ, ଦୁଃଶାସନ ସାହୁ, କୁଞ୍ଜ ମଲିକ ଏବଂ ଅନେକ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏହି ଅବସରରେ ନୂତନ କରି ନିଯୁକ୍ତି ପାଇଥିବା ରାଜ୍ୟ ଦଳିତ ବିଭାଗ ସମ୍ପାଦକ ନାରାୟଣ ମଲ୍ଲିକ ଏବଂ ଉମେଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶରଥପୁର ବ୍ଲକ ସଭାପତି



ସଭା ପରିଚାଳନା କରିଥିଲେ। ଯୁବ ସଂଗଠକ ବିଚିତ୍ର ମଲ୍ଲିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଯୁବ ସଂଗଠକ ଡ. ରମାକାନ୍ତ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁରରୋଡ୍-ଧାମରା ରେଳ ପ୍ରକଳ୍ପ

# ମିଳିଲା ସ୍ୱତନ୍ତ୍ର ମାନ୍ୟତା; ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

ଯାଜପୁରରୋଡ୍,୧୬।୪(ସମିସ):

ଦୀର୍ଘଦିନ ଧରି ଯାଜପୁରରୋଡ-ଧାମରା ରେଳ ପ୍ରକଳ୍ପ ପାଇଁ ଚାଲିଥିବା ଆନ୍ଦୋଳନର ସଫଳତା ମିଳିଛି। ଏହି ପ୍ରକଳ୍ପକୁ ସ୍ୱତନ୍ତ୍ର ମାନ୍ୟତା ମିଳିବା ସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ନିମନ୍ତେ ଭୂମି ଅଧିଗ୍ରହଣ ଅଧିକାରୀ ନିଯୁକ୍ତ କରାଯାଇଛି। ଏଥିସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗେଜେଟ ନୋଟିଫିକେସନ ପ୍ରକାଶ ପାଇଥିବାରୁ ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଓ ଆବାହକ ସନ୍ତୋଷଦାସ ରେଳମନ୍ତ୍ରଣାଳୟଓ ପୂର୍ବତଟ ରେଳପଥର ଉଚ୍ଚ ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦୨୫ ନଭେମ୍ବର ୧୯ରେ ରେଳବାଇ ବୋର୍ଡ ପକ୍ଷରୁ ୧୦୧.୨୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳପଥ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ସଂପ୍ରତି ଜମି ଅଧିଗ୍ରହଣ ପ୍ରକ୍ରିୟାର ସୂତ୍ରପାତ କରାଯିବା ଦ୍ୱାରା ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱପ୍ନ ସାକାର ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ଦୀର୍ଘଦିନର ଧାରାବାହିକ ସଂଗ୍ରାମ ଫଳରେ ଏହି ଦାବି ହାସଲ ହେବା ସମ୍ଭବ ହୋଇଛି। ଏଥିପାଇଁ ଦିଲ୍ଲୀରେ ରେଳଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପୂର୍ବତଟ ରେଳପଥ ସମ୍ମୁଖରେ ବାରମ୍ବାର ଗଣଧାରଣା ଏବଂ ଯାଜପୁର ରୋଡ୍,

**ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଧନ୍ୟବାଦ ଅର୍ପଣ**

ଭଦ୍ରକ ଓ ଧାମରା ରେଳ ଷ୍ଟେସନରେ ମଧ୍ୟ ବାରମ୍ବାର ରେଳରୋକ ଆନ୍ଦୋଳନ କରିବାକୁ ପଡ଼ିଛି। ଏହି ସଂଗ୍ରାମରେ ସାମିଲ ହୋଇଥିବା ଜନସାଧାରଣ, ଲୋକ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇବା ସହ ସଂଗ୍ରାମ ସମିତିର କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବେ ସର୍ବସାଧାରଣରେ ଉପସ୍ଥାପନ କରିଥିବାରୁ ସାମ୍ବାଦିକ ବନ୍ଧୁମାନଙ୍କ ପ୍ରତି ସଂଗ୍ରାମ ସମିତି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ରେଳପଥ ଯାଜପୁର-କେନ୍ଦୁଝର ରୋଡ୍‌ରୁ ବାହାରି ଛୋଟରାୟପୁର, ରାମପୁର-ଶଗଡ଼ି, ବାହାବଳପୁର, ଯାଜପୁର, ଜଳସରପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡ଼ି, ଚାନ୍ଦବାଲି ଓ ଭିତରକନିକା ଆଦି ଷ୍ଟେସନ ଅତିକ୍ରମ କରି ଧାମରା ସହ ସଂଯୁକ୍ତ ହେବ। ଏହି ରେଳପଥ ନିର୍ମିତ ହେଲେ ଓଡ଼ିଶାର ପ୍ରାଚୀନ ରାଜଧାନୀ ଯାଜପୁର ଜିଲ୍ଲାର ସଦର ମହକୁମା ତଥା ବିରଜା କ୍ଷେତ୍ର ସହ ରେଳପଥ ସଂଯୋଗର ଦୀର୍ଘଦିନର ସ୍ୱପ୍ନ ସାକାର ହେବ। ବ୍ୟାସ ସରୋବର, ବିରଜାକ୍ଷେତ୍ର, ଆଖଣ୍ଡଳମଣି ଶୈବପୀଠ, ଧାମରାର ଧାମରାଇ ମନ୍ଦିର ଓ ଭିତରକନିକାକୁ କେନ୍ଦ୍ରକରି ଏକ ପର୍ଯ୍ୟଟନ ଶିଳ୍ପ ଗଢ଼ି ଉଠିବ। କେନ୍ଦୁଝର, ଅନୁଗୁଳ, ଯାଜପୁରର ଲୁହାପଥର, ମାଙ୍ଗାନିଜ, କୋଇଲା, କ୍ରୋମାଇଟ୍ ଓ ନିକେଲ ଆଦି ଖଣିଜ ଦ୍ରବ୍ୟ ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳର ଶିଳ୍ପଜାତ ଦ୍ରବ୍ୟର ପରିବହନ ସୁବିଧାଜନକ ହେବ। ଏହି ରେଳପଥ ନିର୍ମାଣ ଦ୍ୱାରା ଯାଜପୁରରୋଡ୍ ସହ ଧାମରାର ଦୂରତା ୧୩ କିଲୋମିଟର ହ୍ରାସ ପାଇ ରେଳବାଇର ରାଜସ୍ୱ ସଞ୍ଚୟ ହୋଇପାରିବ। ଏହି ରେଳପଥ ଦ୍ୱାରା ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ଅବବାହିକାର କୃଷିଜୀବୀ ଓ ମତ୍ସ୍ୟଜୀବୀମାନେ ଲାଭବାନ ହେବେ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁ କର୍ମନିଯୁକ୍ତିର ସଂପ୍ରସାରଣ ଘଟିବ ତାହା ତିନୋଟି ଯାକ ଜିଲ୍ଲା ସମେତ ରାଜ୍ୟର ବେକାର ଯୁବକ-ଯୁବତୀଙ୍କୁ ଉପକୃତ କରାଇବ। ଏହି ରେଳପଥ ନିର୍ମାଣରେ ୩୩୦୦କୋଟି ଟଙ୍କା ବ୍ୟୟ ହେବ ଓ ଚାରିବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବ ବୋଲି ମଞ୍ଜୁରୀ ଲାଭ କରିଥିବା ପ୍ରକଳ୍ପ ରିପୋର୍ଟରେ ଉଲ୍ଲେଖ ରହିଛି। ମାତ୍ର ଏହି ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରକାରୀ ବ୍ୟୟରେ କରିବା ପାଇଁ ଡିପିଆର୍‌ରେ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ରେଳବାଇ ବୋର୍ଡ ଏହାକୁ ସରକାରୀ-ବେସରକାରୀ ଭାଗିଦାରୀ ବ୍ୟବସ୍ଥା (ପି.ପି.ପି.)ରେ କାର୍ଯ୍ୟକାରୀ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଛି। ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଏହି ପ୍ରକଳ୍ପକୁ ସରକାରୀ ବ୍ୟୟରେ ନିର୍ମାଣ କରିବା ପାଇଁ ପୁନର୍ବାର ଦାବି କରାଯାଇଛି।

## ସ୍ୱଜଳଧାରା ଅଚଳ

# ପାଣି ପାଇଁ ଗ୍ରାମବାସୀ ହୀନସ୍ତା



**ମଙ୍ଗଳପୁର,୧୬।୪(ସମିସ):** ବର୍ତ୍ତମାନ ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି ଲାଗି ରହିଥିବା ବେଳେ ପ୍ରଚଣ୍ଡ ଖରାରେ ଲୋକମାନେ ଆଉଟୁପାଉଟୁ ହେଉଥିବା ବେଳେ କିଛି ସ୍ଥାନରେ ପାଣି ମୁନ୍ଦେ ପାଇଁ ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଛନ୍ତି। ଏମିତି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ଚାରିବାଟିଆ ଗ୍ରାମରେ। ଘଣ୍ଟେ କି ଦୁଇ ଘଣ୍ଟା ନୁହେଁ ଦୀର୍ଘ ୩ଦିନ ଧରି ପାଣି ମୁନ୍ଦେ ପାଇଁ ଗ୍ରାମରେ ହାହାକାର ପଡ଼ିଛି। ଗ୍ରାମରେ ବସିଥିବା ସ୍ୱଜଳ ଧାରା ପ୍ରକଳ୍ପଟି ୪ ଦିନ ହେବ ଅଚଳ ହୋଇପଡ଼ିଥିବାବେଳେ ପାଣି ମୁନ୍ଦାଏ ପାଇଁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି ପରିସ୍ଥିତିରେ ବ୍ଲକ୍ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାବି ହୋଇଛି।

# ରାସ୍ତାତଳକୁ ଖସି ଜଳିଗଲା କାର୍

**ବାଲିଚନ୍ଦ୍ରପୁର,୧୬।୪(ସମିସ):** ରାସ୍ତା ଉପରେ କିଛି ସମୟ ଧରି ଠିଆ ହୋଇ ରହିଥିବା ଏକ କାର ରାସ୍ତା ତଳକୁ ଖସିପଡ଼ି ସମ୍ପୂର୍ଣ୍ଣ ଜଳି ଯିବା ଭଳି ଏକ ଘଟଣା ଗତକାଲି ରାତିରେ ବାଲିଚନ୍ଦ୍ରପୁର ଥାନା ବାଲିଚନ୍ଦ୍ରପୁର-ବେଣୀପୁର ପଚାମୁଣ୍ଡାଇ କେନାଲ ବନ୍ଧ



ପୂର୍ତ୍ତ ବିଭାଗ ରାସ୍ତାର ପତରାଜପୁର ସିଂହସାହି ଛକ ନିକଟରେ ଘଟିଥିବା ଜଣାଯାଇଛି। କାରର ମାଲିକ କିଏ ତାହା ଏପର୍ଯ୍ୟନ୍ତ ଜଣା ପଡ଼ି ନଥିବା ବେଳେ ଏ ନେଇ ଥାନାରେ କୌଣସି ଅଭିଯୋଗ ମଧ୍ୟ କରାଯାଇ ନାହିଁ। ତେବେ ପୁଲିସ ସୂଚନା ମୁତାବକ ଗତକାଲି ରାତି ୧୧ ଟାରେ ଏହି କାରଟି କେନାଲ ବନ୍ଧ ତଳକୁ ଖସି ପଡ଼ିଥିଲା। ସେତେବେଳେ କାର ଭିତରେ କେହି ନଥିଲେ। ପୁଲିସ ସେଠାକୁ ଯାଇ କାର ଚାବି ସହିତ ସେଥିରେ ଲଗା ଯାଇଥିବା ଦୁଇଟି ନମ୍ବର ପ୍ଲେଟ୍ ନେଇ ଆସିବାର କିଛି ସମୟ ପରେ କାରଟି ହୁତୁ ହୁତୁ ହୋଇ ଜଳି ଯାଇଥିଲା। ଏ ନେଇ ଖବର ପାଇ ପୁଲିସ ଅଗ୍ନିଶମ ବାହିନୀ ସହିତ ସେଠାରେ ପହଞ୍ଚିଥିଲେ। ହେଲେ ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ତେବେ ଗୋଟିଏ ନମ୍ବର ପ୍ଲେଟରୁ କାରଟି ବୈରୀ ଥାନା ଅଞ୍ଚଳର ବୋଲି ଜାଣିବାକୁ ପାଇ ପୁଲିସ ବୈରୀ ଥାନାକୁ ଜଣାଇଥିଲେ। ତେବେ ଏହି କାରଟି କୌଣସି ଅନିୟମିତତା କାର୍ଯ୍ୟରେ ଲିପ୍ତ ଥିବା ନେଇ ସନ୍ଦେହ ପ୍ରକଟ କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରୁଥିବା ନେଇ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଡାକ୍ତରଖାନାର ୬ ମହଲା କୋଠାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ



**ଯାଜପୁର,୧୬।୪(ସମିସ):** ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୬ ମହଲା କୋଠା ଉପର ଝରକା ଉପରୁ ଗୁରୁବାର ସନ୍ଧ୍ୟାରେ ଜଣେ ରୋଗୀ ଡେଇଁ ଆଇହତ୍ୟା କରିବାକୁ ଉଦ୍ୟମ କରିଥିବା ଦେଖିବାକୁ ମିଳିଥିଲା। ଏହି ରୋଗୀ ଜଣକୁ ମେଡିକାଲର ସିକ୍ୟୁରିଟି ଗାର୍ଡ ଉଦ୍ଧାର କରିଥିଲେ। ଆତ୍ମହତ୍ୟା ଉଦ୍ୟମ କରୁଥିବା ରୋଗୀ ଜଣକ ଆଙ୍କୁଲା ଗ୍ରାମର ପଦନ ଜେନା(୫୬) ବୋଲି ଜାଣିବାକୁ ମିଳିଛି। ତାଙ୍କର ଦେହ ଅସୁସ୍ଥ କାରଣରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ମାନସିକ ଭାରସାମ୍ୟ ହରାଇ ମୁଖ୍ୟ ଚିକିତ୍ସାଳୟର ନୂତନ ବିଲ୍ଡିଂର ୬ ମହଲା ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବର ପାଇ ଅଗ୍ନିଶମବାହିନୀ ଓ ଚିକିତ୍ସାଳୟର ସିକ୍ୟୁରିଟି ଗାର୍ଡ଼ ରୋଗୀ ଜଣକୁ ଉଦ୍ଧାର କରିଥିଲେ। ତେବେ ବ୍ୟକ୍ତି ଜଣକ ମାନସିକ ରୋଗୀ ବୋଲି ସ୍ଥାନୀୟ ଲୋକେ କହୁଥିବାର ଜଣାପଡ଼ିଛି।

# ଡିପୋରେ ଚଢ଼ଉ; ଲକ୍ଷାଧିକ ଟଙ୍କାର କାଠ ଜବତ

**ବ୍ରହ୍ମବରଦା,୧୬।୪(ସମିସ):** ଚୋରା କାଠ ଡିପୋ ଉପରେ ଆଜି ଅଚାନକ ବନବିଭାଗ ଚଢ଼ଉ କରିଛି। ଅବୈଧ ଭାବେ କାଠ ସଂଗ୍ରହ ଓ ବ୍ୟବସାୟ ହେଉଥିବା ସୂଚନା ପାଇ ବିଭାଗୀୟ କର୍ମଚାରୀମାନେ ଆଜି ସକାଳୁ ବ୍ରହ୍ମବରଦା ଠାରେ ଥିବା ୫ଟି କାଠ ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ୨ ବ୍ୟବସାୟୀଙ୍କ ନିକଟରୁ ବହୁ ମୂଲ୍ୟବାନ କାଠ ଜବତ କରାଯାଥିବାବେଳେ ବାକି ୩ଟି କାଠ ବ୍ୟବସାୟୀ ଦୋକାନ



ବନ୍ଦ କରି ଫେରାର ହୋଇଯାଇଥିଲେ। ଏହି ଦୁଇଟି କାଠ ଡିପୋରୁ ୧୦୦/୧୫୦ ଖଣ୍ଡ ସାଗୁଆନ, ଆକାଶିଆ, ଆମ୍ବ ଓ ନିମ୍ବ ଭଳି କାଠ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କ ନାମରେ ଯୁଡି କେସ ରୁଜୁ ହୋଇଥିବା ବେଳେ ବିଭାଗୀୟ ଅଧିକ ତଦନ୍ତ ଜାରି ରଖିଛି। ସୂଚନାଥାଉକି ଗତକାଲି ବ୍ରହ୍ମବରଦା ଗ୍ରାମର କିଛି ଗ୍ରାମବାସୀ ବାଲିଯୋଡ଼ି ରେଞ୍ଜର ବୈରୀ ବନବିଭାଗଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଆଜି ସକାଳେ ବୈରୀ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି ଓ ତାଙ୍କ ଟିମ ଅଚାନକ ବ୍ରହ୍ମବରଦାର ବିଭିନ୍ନ ଅବୈଧ କାଠ ଡିପୋରେ ଚଢ଼ଉ କରିଥିଲେ। ପୂର୍ବ ସୂଚନା ଅନୁଯାୟୀ ୫ଟି ଅବୈଧ କାଠ ବ୍ୟବସାୟ ଦୋକାନ ଉପରେ ଚଢ଼ଉ କରାଯାଇଥିବା ବେଳେ ୨ଟି ଦୋକାନରୁ ମୂଲ୍ୟବାନ କାଠ ଜବତ ହୋଇଥିବା ବେଳେ ଅର୍ଦ୍ଧନିର୍ମିତ ହୋଇ ରହିଥିବା ଦୁଆର ବନ୍ଧ ୨ଟି, ୫ଟି ଡ୍ରେସିଙ୍ଗ ଟେବୁଲ, ୨ଟି ପଲଙ୍କ ଏବଂ ଗୋଟିଏ ଚୌକି ଜବତ କରାଯାଇ ନଥିଲା। ଅନ୍ୟ ଏକ ଦୋକାନରୁ ସେଭଳି କିଛି ଅବୈଧ କାଠ ମିଳି ନଥିବା ବେଳେ ଅନ୍ୟ ଜଣେ ବ୍ୟବସାୟୀ ଚଢ଼ଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଦୋକାନ ବନ୍ଦ କରି ଫେରାର ହୋଇଯାଇଥିବା ଜଣାପଡ଼ିଛି। କାଠ ବ୍ୟବସାୟୀଙ୍କ ନାମ ଜଣାପଡ଼ିନାହିଁ, ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଯୁଡି କେସ ରୁଜୁ କରାଯାଇଥିବା ବେଳେ ଜବତ ହୋଇଥିବା ସ୍ଥାନ ଗୁଡ଼ିକର ମାଲିକାନା ସମ୍ପର୍କରେ ଅଧିକ ତଦନ୍ତ ପାଇଁ ରସୁଲପୁର ତହସିଲଦାରଙ୍କୁ ଜଣାଇ ଦିଆଯିବା ନେଇ ରେଞ୍ଜର ଶ୍ରୀ ସୁବୁଦ୍ଧି କହିଛନ୍ତି। ଆଜିର ଏହି ଚଢ଼ଉରେ ଫରେଷ୍ଟର ଚଣ୍ଡିଖୋଲ କୃଷ୍ଣଚନ୍ଦ୍ର ଟୁଡୁ, ଫରେଷ୍ଟର ଗଡ଼ମଧୁପୁର ବିକାଶ ରଞ୍ଜନ ସିଂ ଓ କଟକ ବନଖଣ୍ଡ ମୋବାଇଲ ଟିମର ଫରେଷ୍ଟର ଅଜିତ ଜେନା, ଫରେଷ୍ଟର ଦୀପ୍ତିମୟୀଙ୍କ ସମେତ ଫରେଷ୍ଟ ଗାର୍ଡ ସୁଶାନ୍ତ କୁମାର ନାୟକ, ଭାସ୍କର ନାୟକ, ରବି ନାୟକ ଓ କର୍ମଚାରୀ ସାମିଲ ରହିଥିଲେ। ବାଲିଯୋଡ଼ି ରେଞ୍ଜ ଓ କଟକ ଅଫିସର ମିଳିତ ଭାବେ ଏହି ଚଢ଼ରେ ସାମିଲ ହୋଇଥିଲେ। ବ୍ରହ୍ମବରଦା ଅଞ୍ଚଳରେ ଛତୁ ଫୁଟିଲା ପରି ଚୋର କାଠ ଡିପୋମାନ ରହିଛି। ଆଗାମୀ ଦିନମାନଙ୍କରେ ଏହିଭଳି ଚଢ଼ଉ ଜାରି ରହିଲେ ଚୋରା କାଠ କାରବାରରେ ରୋକ ଲାଗିପାରିବ।

# ଜାରକା ଠାରେ ବ୍ଲକ୍‌ସ୍ତରୀୟ ଆଇନ ସେବା ସଚେତନତା କାର୍ଯ୍ୟକ୍ରମ

**ଧର୍ମଶାଳା, ୧୬।୪( ସମିସ) :** ରାଜ୍ୟ ମହିଳା କମିଶନରଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ସଭା ଗୃହରେ ବ୍ଲକ ସ୍ତରୀୟ ଆଇନ ସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ସିଡିପିଓ ସ୍ୱର୍ଣ୍ଣରେଖା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା କମିଶନ ସଦସ୍ୟା ଡ. କଳ୍ପନା ମଲିକ, ସମାଜସେବୀ ମିନତୀ ସାହୁ, ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଆଇନଜୀବୀ ଅଖିଳ ମୋହନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନେ ଶସକ୍ତ ହୋଇପାରିଲେ ଦେଶ ଆଗକୁ ବଢିପାରିବ। ସୁସ୍ଥ ସମାଜ ଗଠନରେ ନାରୀମାନଙ୍କ ଭୂମିକା ଅତୁଳନୀୟ ବୋଲି ଅତିଥିମାନେ କହିବା ସହ ସରକାରଙ୍କ ବିଭିନ୍ନ ଆଇନ ସମ୍ପର୍କରେ ମହିଳାମାନଙ୍କୁ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଂଚାୟତରୁ ଶହ ଶହ ମହିଳାମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଆଇନ ସମ୍ପର୍କରେ ସଚେତନ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଲ, ଜିତେନ୍ଦ୍ର ରାଉତ, ଦେବଦତ ପଣ୍ଡା, ତପନ ମାହୁନ୍ତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଏସ୍‌ବିଡି ସ୍କୁଲର ଶତପ୍ରତିଶତ ସଫଳତା



**ବ୍ୟାସନଗର,୧୬।୪(ସମିସ):** ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପାଟୁଳିସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ଶତପ୍ରତିଶ ସଫଳତାହାସଲକରିଛନ୍ତି। ଚଳିତବର୍ଷମୋଟ ୬୩ଜଣପରୀକ୍ଷା ଦେଇଥିବାବେଳେ ଅଂଶୁମାନପାଢ଼ୀ ସର୍ବାଧିକ ୯୭.୮ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହେବା ସହ ଦେବଜାନ ପାଢ଼ୀ ୯୬.୬ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଏବଂ ହରସିତ୍ ଚନ୍ଦ୍ରା ୯୬.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏଥିସହିତ ୨୫ଜଣ ୯୦ ପ୍ରତିଶତ ନମ୍ବର ରଖିଥିବା ବେଳେ ୪୫ଜଣ ୮୦ ପ୍ରତିଶତ, ୫୬ଜଣ ୭୦ ପ୍ରତିଶତ ଏବଂ ଅନ୍ୟସମସ୍ତେ

**ଅଂଶୁମାନ ସ୍କୁଲ ଟପ୍ପର, କୃତୀ ବିର୍ଦ୍ୟାଥୀଙ୍କୁ ଶୁଭେଚ୍ଛା ଜଣାଇଲେ କର୍ତ୍ତୃପକ୍ଷ**

୬୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଏ ନେଇ ଆଜି ସ୍କୁଲ ପରିଚାଳନା କମିଟି ପକ୍ଷରୁ ଏକ ଶୁଭେଚ୍ଛା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଚେୟାରମ୍ୟାନ ଦେବାଶିଷ ଦିକ୍ଷିତ ଓ ଅଧ୍ୟକ୍ଷ ଡକ୍ଟର କଳ୍ପତରୁ ସାହୁ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ର/ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତୀ କାମନା କରିଥିଲେ। ଏହି ସଫଳତା ପଛରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ମଧ୍ୟ ଅଧ୍ୟକ୍ଷ ଶ୍ରୀ ସାହୁ ସାଧୁବାଦ ଜଣାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ବରୀରେ ବିଜେପି ନେତା ମନୋଜଙ୍କ ଶକ୍ତି ପ୍ରଦର୍ଶନ

**ଯାଜପୁର,୧୬।୪(ସମିସ):** ବିଜେପିର ମୁଖପାତ୍ର ଥିବା ମନୋଜ ମହାପାତ୍ର ବରୀରେ ସଂଗଠନ ଆରମ୍ଭ କରିବା ଦେଖିବାକୁ ମିଳିଛି। ଏପରିକି ସଭାସମିତିରେ ତାଙ୍କୁ ଦେଖିବାକୁ ମିଳିଛି। ମନୋଜଙ୍କୁ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳ ପକ୍ଷରୁ କୁଆଡ଼େ ଗ୍ରୀନ ସିଗନାଲ ଦିଆଯାଇଛି। ଏହି ବାର୍ତ୍ତା ତଳସ୍ତରର କର୍ମୀଙ୍କ ପାଖରେ ପହଞ୍ଚିବା ପରେ କର୍ମୀ ଏବେ ମନୋଜଙ୍କ ପାଖକୁ ଆଉଜୁଥିବ। ଦେଖିବାକୁ ମିଳିଛି। ଏହି ଆଭାସ ଗତ ବିଷୁବ ସଂକ୍ରାନ୍ତି ଠାରୁ ଦେଖିବାକୁ ମିଳିଛି। ରତ୍ନଗିରି ଠାରେ ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଗସ୍ତ କରିଥଲେ। ବ୍ଲକ ଠାରୁ ବିଭିନ୍ନ ପଞ୍ଚାୟତରେ ତାଙ୍କୁ ପୁଷ୍ପଗୁଚ୍ଛ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ଣରେ ଗୋପାଳପୁର ସ୍ଥିତ ଡାକବଙ୍ଗଳଠାରେ ବିଜେପିର ନେତା ଓ କର୍ମୀ ସ୍ୱାଗତ କରିଥିଲେ। ସେଠାରୁ ଏକ କାର ରାଲି



ମଧ୍ୟମରେ କର୍ମୀମାନେ ଶୋଭାଯାତ୍ରା ଆରମ୍ଭ କରି ବିଭିନ୍ନ ପଞ୍ଚାୟତ ବୁଲି ରତ୍ନଗିରି ଅଭିମୁଖେ ବାହାରି ଥିଲେ।

# ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ



**ଧର୍ମଶାଳା,୧୬।୪( ସମିସ) :** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକା ଠାରେ ବିଜେପି ମହିଳା ସଙ୍ଗଠନ ପକ୍ଷରୁ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାଠାରେ ନାରୀମାନେ ଏକତ୍ରିତ ହୋଇ ଉତ୍ସବ ପାଳନ କରିଛନ୍ତି। ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ, ପୂର୍ବତନ ସାଂସଦ ରୀତା ତରେଇ, ସମାଜସେବୀ ମିନତୀ ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ବ୍ଲକ୍ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଦୀପ୍ତିରେଖା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଟି ପଞ୍ଚାୟତରୁ ଆସିଥିବା ଶହ ଶହ ସଂଖ୍ୟାରେ ମହିଳାମାନେ ଶାନ୍ତି ବଜାରରୁ ଏକ ଶୋଭାଯାତ୍ରାରେ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଆସିଥିଲେ।

## ପେଟ୍ରୋଲ ପମ୍ପରେ ମିଳୁନି ତେଲ

# କଳାବଜାରୀ ପାଇଁ ଷଡ଼ଯନ୍ତ୍ର ଅଭିଯୋଗ

କବାଟବନ୍ଧ,୧୬।୪(ସମିସ):

ଯାଜପୁର ଜିଲ୍ଲାରେ ରୋଷେଇ ଗ୍ୟାସ ସିଲିଣ୍ଡର ପାଇଁ ଲୋକମାନେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଗାଡ଼ି ଚାଳକଙ୍କ ପାଇଁ ପେଟ୍ରୋଲ ନ ମିଳିବା ଏବଂ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଞ୍ଚଳରେ ରହିଥିବା ପେଟ୍ରୋଲ ପମ୍ପ ଗୁଡ଼ିକରେ ଦୁଇ ଦିନ ଧରି ପେଟ୍ରୋଲ ଠିକ ଭାବେ ଉପଲବ୍ଧ ନ ହେବାରୁ ଗାଡ଼ି ଚାଳକମାନେ ସାଧାରଣ ଭାବେ ପେଟ୍ରୋଲ ପାଇଁ ଆତଙ୍କିତ ହୋଇଛନ୍ତି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କୁସୁନପୁରଠାରୁ ବଳରାମପୁର (କନ୍ତପଡ଼ା) ନିକଟରେ ଦୁଇଟି ସରକାରୀ ପେଟ୍ରୋଲ ପମ୍ପ (ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼) ଏବଂ ଜିଓ ବିପି ନାମକ ଏକ ଘରୋଇ ପେଟ୍ରୋଲ ପମ୍ପ ରହିଛି। ଗତ ବୁଧବାର ଏବଂ ଗୁରୁବାର ଦୁଇ ଦିନ ଧରି ଉକ୍ତ ପେଟ୍ରୋଲ ପମ୍ପ ଗୁଡ଼ିକରେ ଗ୍ରାହକମାନେ ଠିକରେ ପେଟ୍ରୋଲ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଏମିତିକି କିଛି ପେଟ୍ରୋଲ ପମ୍ପରେ ଦର ବୃଦ୍ଧି ପାଇଁ ତେଲ କଳା ବଜାରୀ କରିବା ଉଦ୍ଦେଶ୍ୟରେ ମାଲିକ ମାନେ ତେଲ ଗଚ୍ଛିତ ରଖି ଗ୍ରାହକଙ୍କୁ ଦେଉ ନ ଥିବା ଭଳି ସଙ୍ଗିନ ଅଭିଯୋଗ ହେଉଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଖବର ଜଣାପଡ଼ିବା ଖବର ଆସିବା ପରେ ତୈଳ ଦର ବୃଦ୍ଧି ପାଇବ ସେହି ଉଦ୍ଦେଶ୍ୟରେ ପେଟ୍ରୋଲ ପମ୍ପ ମାଲିକମାନେ କଳାବଜାରୀ କରିବା ଉଦ୍ଦେଶ୍ୟରେ ଗଚ୍ଛିତ ରଖୁଥିବା ଗ୍ରାହକ ମାନେ ଅଭିଯୋଗ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଏକ ଘରୋଇ ପେଟ୍ରୋଲ ପମ୍ପରେ ଗ୍ରାହକମାନଙ୍କୁ ନିଜ ଆବଶ୍ୟକତା ଅନୁସାରେ ପେଟ୍ରୋଲ ଦିଆ ନଯାଇ ମାତ୍ର ୧୦୦ ଟଙ୍କା ଲେଖାଏଁ ପ୍ରତ୍ୟେକ ବାଇକ୍‌କୁ ଦେବା ପାଇଁ ପେଟ୍ରୋଲ ପମ୍ପ କର୍ମଚାରୀ ମାନେ କହିଥିଲେ। ଏହାକୁ ନେଇ କିଛି ଗ୍ରାହକ ପ୍ରତିବାଦ ମଧ୍ୟ କରିଥିଲେ। ଏପରିକି ପ୍ରତିବାଦ କରୁଥିବା ଗ୍ରାହକଙ୍କୁ ପେଟ୍ରୋଲ ପମ୍ପ କର୍ମଚାରୀ ଖରାପ ବ୍ୟବହାର କରିଥିବା କିଛି ଗ୍ରାହକ ଅଭିଯୋଗ କରିଥିଲେ। ଏହି ଘଟଣା ବିଭିନ୍ନ ସାମାଜିକ ଗଣମାଧ୍ୟମ ଏବଂ ଖବର କାଗଜରେ ମଧ୍ୟ ପ୍ରକାଶ ପାଇଛି। ତେବେ ଜାତୀୟ ରାଜପଥ କଡ଼ରେ ମାତ୍ର ୧ ରୁ ୨ କିଲୋମିଟର ମଧ୍ୟରେ ୩ ଟି ପେଟ୍ରୋଲ ପମ୍ପରେ ଏକ ସମୟରେ ପେଟ୍ରୋଲ ନ ମିଳିବା କଳା ବଜାରୀ ସନ୍ଦେହକୁ ସ୍ପଷ୍ଟ କରିଛି। ପ୍ରଶାସନ ପକ୍ଷରୁ ଏହା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।



